# Akashvani, Sambalpur

## SAMBALPURI NEWS EVENING BULLETIN

## 25 July 2025- 7.02 pm- 7.12 pm.

*******************************************

୧- ବୟନଶିଳ୍ପର୍ ବିକାଶ୍ ଲାଗି ୩୩ ଟା ପୁଞ୍ଜିନିବେଶ୍ ରାଜିନାମା ସ୍ୱାକ୍ଷର୍ କଲେ ରାଜ୍ୟ ସର୍କାର୍ ।

- ସମ୍ବଲ୍ପୁର୍ ନ ଆପରେଲ୍ ପାର୍କ, ବଲାଙ୍ଗିର୍ ନ ଟେକ୍ସଟାଇଲ୍ ପାର୍କ ଥାପ୍ନା ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ଘୋଷ୍ନା ।

- ବୁଣାକାର୍ ଶ୍ରମିକମାନ୍‌କର୍ ବଢ଼୍ଲା ଭତା ।

୨- ରାଏଜେ ଜବ୍‌କାର୍ଡ଼ଧାରୀ ଆଏବା ୩ ମାସ୍ ଭିତ୍‌ରେ ଇ-କେୱାଇସି କର୍‌ବାର୍ ବାଧ୍ୟତାମୂଲକ୍ ।

୩- ଦେଶେ ଆଏବା ୧ ତାରିଖ୍‌ନୁ କାର୍ଯ୍ୟକାରୀ ହେବା ପି.ଏମ୍. ବିକଶିତ ଭାରତ ରୋଜ୍‌ଗାର୍ ଯୋଜ୍‌ନା ।

ଆଉର୍

୪- ରାଏଜେ ଲଘୁଚାପ୍ ପ୍ରଭାବ୍‌ଥି ଜବର୍ ବର୍ଷା ନେଇକରି ସତର୍କ କଲେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ।

- ହୀରାକୁଦ୍ ନ ୨୦ ଟା ଗେଟ୍ ଦେଇକରି ଛଡ଼ାଯାଉଛେ ବଏଢ଼୍ ପାଏନ୍ ।

ମୁଖ୍ୟମନ୍ତ୍ରୀ-ଓଡ଼ିଶା ଟେକ୍ସ    I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଶିଳ୍ପ ସମ୍ମିଲନୀ ଓଡ଼ିଶା ଟେକ୍ସ-୨୦୨୫ କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୬ ଟା ପ୍ରକଳ୍ପ ଉଦ୍‌ଘାଟନ୍ କର୍‌ବାର୍ ସହେତେ ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ଶିଳ୍ପ ସଂସ୍ଥା ସାଙ୍ଗେ ୩୩ ଟା ପୁଞ୍ଜିନିବେଶ୍ ରାଜିନାମା ସ୍ୱାକ୍ଷର୍ କରିଛନ୍ । ଇ ସବୁ ରାଜିନାମା ଅନ୍‌ସାରେ ରାଜ୍ୟକେ ୭ ହଜାର୍ ୮ ଶହ ୮ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଆସ୍‌ବାର୍ ସହେତେ ୫୩ ହଜାର୍ ୩ ଶହ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଉଦ୍‌ଘାଟିତ୍ ହେଇଥିବା ୬ ଟା ପ୍ରକଳ୍ପ ଭିତ୍‌ରେ ସମ୍ବଲ୍‌ପୁର୍ ଆର୍ ଗଞ୍ଜାମ୍ ନ ଆପାରେଲ୍ ପାର୍କ, କେନ୍ଦୁଝର, ବଲାଙ୍ଗିର୍ ଆର୍ ଜଗତ୍‌ସିଂହପୁର୍ ନ ଟେକ୍ସଟାଇଲ୍ ପାର୍କ ଆର୍ କଟକ୍ ନ ଫୁଟ୍‌ୱେର୍ ପାର୍କ ଥାପ୍‌ନା ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ୍ ଦେଇକରି କହିଛନ୍, ଓଡ଼ିଶା ନ ଆହୁରି ଅଏତ୍‌କା ପୁଞ୍ଜିନିବେଶ୍ କର୍‌ବାର୍‌କେ ଶିଳ୍ପପତିମାନ୍‌କୁ ଆହ୍ୱାନ୍ ଦେଇଛନ୍ । ସେ କହିଛନ୍....

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବୁଣାକାର୍ ଶ୍ରମିକ ମାନ୍‌କର୍ ଭତା ବଢ଼ାବାର୍ ଲାଗି ଘୋଷ୍‌ନା କରିଛନ୍ । ପୁରୁଷ ଶ୍ରମିକମାନ୍‌କର୍

ଲାଗି ୫ ନୁ ୬ ହଜାର୍ ଟଙ୍କା ଆଉ ମହିଲାମାନ୍‌କୁ ୬ ନୁ ୭ ହଜାର୍ ଟଙ୍କା ଭତା ଦେବାର୍‌କେ ଘୋଷ୍‌ନା କରିଛନ୍ ।

ଆଝିରର୍ କାର୍ଯ୍ୟକ୍ରମ୍‌ଥି ଶିକ୍ଷମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ବୟନ ଶିକ୍ଷ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ, ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ସହେତେ ୩ ଶହ ନୁ ଅଏତ୍‌କା ଶିକ୍ଷପତି ଯୋଗ୍ ଦେଇଥିଲେ ।

ଉପରାଷ୍ଟ୍ରପତି ନିର୍ବାଚନ୍-ରିଟର୍ଣ୍ଣିଂ ଅଧିକାରୀ    ପି.ଆଇ.ବି.

ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ଆଏଜ୍ ପ୍ରକ୍ରିୟା ମୁଲ୍ ହେଇଯାଇଛେ । ନିର୍ବାଚନ୍ ଲାଗି ଭାରତୀୟ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ରିଟ୍ର୍ଣ୍ଣିଂ ଅଧିକାରୀ ଆଉ ସହାୟକ ରିଟର୍ଣ୍ଣିଂ ଅଧିକାରୀ ନିଯୁକ୍ତି କରାଯାଇଛେ । ନିୟମ୍ ଅନ୍‌ସାରେ ଆଉ ରାଜ୍ୟସଭାର୍ ଉପାଧକ୍ଷଙ୍କର୍ ଅନୁମତି ଉତ୍‌ରୁ ରାଜ୍ୟସଭାର୍ ମହାସଚିବଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛେ । ରାଜ୍ୟସଭା ସଚିବାଲୟର୍ ଯୁଗ୍ମ ସଚିବ ଆଉ ନିର୍ଦ୍ଦେଶକଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛେ ।

ସଂସଦ୍ ମୌସୁମୀ ଅଧିବେଶନ୍      ଏନ୍‌ଏସ୍‌ଡି

ସଂସଦ୍ ନ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ଦୁହି ସଦନ୍ ଆଏଜ୍ ମୁଲ୍‌ତବୀ ହେଇଛେ । ଆଏବା ସୋମ୍‌ବାର୍ ଦିନ ଫେର୍‌ଘାଏ ଗୃହକାମ୍ ଚାଲ୍‌ବା ।

ଲୋକ୍‌ସଭା ଗୃହକାର୍ଯ୍ୟଥି ବାଧା ହେଉଥିବାର୍‌ନୁ ବାଚସ୍ପତି ଓମ୍ ବିର୍ଲା ଆଏଜ୍ ସର୍ବଦଲୀୟ ବୈଠକ୍ ଡାକିକରି ଅଧିବେଶନ୍‌କେ ସୁରୁଖୁରୁଥି ଚଲାବାର୍ ଲାଗି ଅନୁରୋଧ୍ କରିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା ।

ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଜାଲ୍ ଜବ୍ କାର୍ଡ୍          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଜାଲ୍ ଜବ୍‌କାର୍ଡ୍ ଠାବ୍ କର୍‌ବାର୍ ଲାଗି ଇ-କେୱାଇସି ପ୍ରକ୍ରିୟା ମୁଲ୍ କରାଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, କିଛି ଦିନ୍ ଭିତ୍‌ରେ ସର୍‌କାର୍ ବହୁତ୍‌ଟେ ଜାଲ୍ ଜବ୍ କାର୍ଡ୍ ଠାବ୍ କରିଛନ୍ । ଇ ଜବ୍‌କାର୍ଡ୍ କେନ୍ ଅଧିକାରୀ ଜାରି କରିଥିଲେ ଆଉ କିଏ ଅର୍ଥ ଆତ୍ମସାତ୍ କରୁଥିଲା ସେ ବାବ୍‌ଦେ ଯାଂଚ୍ କରାଯିବା । ରାଜ୍ୟ ସର୍‌କାର୍ ସବୁ ପ୍ରକ୍ରିୟାକେ ଫଟିକ୍ କର୍‌ବାର୍‌କେ ଆଏବା ୩ ମାସ୍ ଭିତ୍‌ରେ ସବୁ ଜବ୍‌କାର୍ଡ୍‌ଧାରୀମାନ୍‌କର୍ ଇ-କେୱାଇସି କର୍‌ବେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ସୂଚ୍‌ନା ଦେଇଛନ୍ ।

ଅଶ୍ଳୀଳ ୱେବ୍‌ସାଇଟ୍ ବନ୍ଦ୍       ଏନ୍‌ଏସ୍‌ଡି

ଦେଶେ ଅଶ୍ଳୀଳତା ପ୍ରସାର୍ କରୁଥିବା ୨୫ ଟା ୱେବ୍‌ସାଇଟ୍ ଆଉ ଆପ୍‌କେ ବନ୍ଦ୍ କର୍‌ବାର୍ ଲାଗି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ । ସୂଚନା, ପ୍ରଯୁକ୍ତି ବିଦ୍ୟା ଆଇନ୍‌ର ଧାରା ଅନ୍‌ସାରେ ଇ ନିଷ୍ପତି ନିଆଯାଇଛେ । ଭାରତୀୟ ନ୍ୟାୟ ସଂହିତାର୍ ଧାରା ୨ ଶହ ୯୪ କେ ଉଲ୍ଲଂଘନ୍ କରୁଥିବା ଅଭିଯୋଗ୍‌ଥି ଇ ୱେବ୍‌ସାଇଟ୍ ମାନ୍‌କୁ ବନ୍ଦ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପି.ଏମ୍. ବିକଶିତ୍ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା    ପି.ଆଇ.ବି.

ଦେଶେ ଆଏବା ୧ ତାରିଖ୍‌ନୁ ପି.ଏମ୍. ବିକଶିତ୍ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା କାର୍ଯ୍ୟକାରୀ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଘୋନୁ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଇ ଯୋଜ୍‌ନାକେ ଅନୁମୋଦନ୍ କରାଯାଇଥିଲା । ଇଥିର୍‌ଲାଗି ୯୯ ହଜାର୍ ୪ ଶହ ୪୬ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ । ରୋଜ୍‌ଗାର୍ ଯୋଜ୍‌ନା ଜରିଏ ଆଏବ ୨ ବଛର୍ ଭିତ୍‌ରେ ଦେଶେ

ପାଖାପାଖି ସାଢ଼େ ୩ କୋଟି ରୋଜ୍‌ଗାର୍ ସୃଷ୍ଟି କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ମେଗା ପାନୀୟ ଜଳ ପ୍ରକଳ୍ପ I&PR

ରାଏଜେ ଇହାଦେ ୨ ଶହ ୭ ଟା ପ୍ରସ୍ତାବିତ୍ ମେଗା ପାନୀୟ ଜଳ ପ୍ରକଳ୍ପ ଭିତ୍‌ରୁ ୧୮ ଟା ପ୍ରକଳ୍ପର୍ କାମ୍ ଶେଷ୍ ହେଇଛେ । ବାକି ପ୍ରକଳ୍ପମାନ୍‌କର୍ କାମ୍ ଜୋର୍‌ସୋର୍ ଚାଲିଛେ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ପ୍ରସ୍ତାବିତ୍ ପାନୀୟ ଜଳ ପ୍ରକଳ୍ପ ମାନ୍‌କର୍ ଭି୍‌ତ୍‌ରୁ ଆଏବା ଅଗଷ୍ଟ ମାସେ ୨୧ଟା, ସେପ୍ଟେମ୍ବର୍ ମାସେ ୧୧ ଟା ଆର୍ ଡିସେମ୍ବର୍ ମାସ୍ ତକ୍ ଆଉ ୨୨ ଟା ପ୍ରକଳ୍ପ କାମ୍ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

(ଭଏସ୍ ଓଭର୍- ରବିନାରାୟଣ୍ ନାଏକ୍)

ରାଏଜେ ପିଇବାର୍ ପାଏନ୍‌ର ସୁପରିଚାଳନା ଲାଗି ଜଳ ନିଗମ୍ ଥାପ୍‌ନା କର୍‌ବାର୍‌କେ ସର୍‌କାର୍ ବିଚାର୍ କରୁଛନ୍ ବଲି ମନ୍ତ୍ରୀ କହିଛନ୍ ।

ଆଉଟ୍‌ସୋର୍ସିଂ ନିଯୁକ୍ତି ହି.ସ.

ଅର୍ଥ ବିଭାଗ୍‌ର ବିନା ଅନୁମତିଥି ଆଉଟ୍‌ସୋର୍ସିଂ ନିଯୁକ୍ତି ନାଇଁ କରାଯାଇପାରେ । ଇ ବାବ୍‌ଦେ ଅର୍ଥ ବିଭାଗ୍ ତର୍‌ଫୁ ସବୁ ବିଭାଗ୍‌କେ ଚିଠି ଜରିଏ ନିର୍ଦ୍ଦେଶ୍ ଦିଆଯାଇଛେ । ଆଉଟ୍‌ସୋର୍ସିଂ ନିଯୁକ୍ତି ଲାଗି ଆଘୋନୁ ଯେନ୍ ଅନୁମତି ମିଲି ସାରିଛେ ତାର୍ ନବୀକରଣ୍ ବେଲ୍‌କେ ଫେର୍ ଅର୍ଥ ବିଭାଗ୍‌ର ଅନୁମତି ଦର୍‌କାର୍ ପଡ଼୍‌ବା । ଆଘର୍ ମଞ୍ଜୁରୀ ସଂଖ୍ୟାଠାନୁ ଅତିରିକ୍ତ କର୍ମଚାରୀଙ୍କର୍ ଲାଗି ଭିଲ୍ ଅନୁମତି ଜରୁରୀ ଆଏ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଦୁର୍ଘଟଣା        ନୟାଗଡ୍ ସମ୍ବାଦଦାତା

କଟକ୍‌ନୁ ବଲାଙ୍ଗିର୍ ଯାଉଥିବା ଗୁଟେ ଘରୋଇ ବସ୍ ନୟାଗଡ୍ ଜିଲ୍ଲା ଦଶ୍‌ପଲ୍ଲା ଥାନା ଇଲାକା ନ ଦୁର୍ଘଟଣାଗସ୍ତ ହେଇକରି ଉଲ୍‌ଟି ପଡ଼ିଛେ । ଇଥି ୧୭ ଝନ୍ ଖଁଡ଼ିଆଖାବ୍‌ରା ହେଇଛନ୍ । ସେଥିର୍‌ଭିତ୍‌ରୁ ୪ ଝନ୍‌କର୍ ଅବସ୍ଥା ଗୁରୁତର୍ ରହିଛେ । ସେମାନ୍‌କୁ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ । ଦୁର୍ଘଟଣା ଉତ୍‌ରୁ ଗାଡ଼ିଚାଲକ୍ ବସ୍ ଛାଡ଼ିକରି ଫେରାର୍ ହେଇଥିବାର୍ ଜନାପଡ଼ିଛେ । ପୁଲିସ୍ ଦଲ୍ ପୁହୁଁଚିକରି ଛାନ୍‌ଭିନ୍ ମୁଲ୍ କରିଛେ ।

ବୁର୍ଲା ରିଂରୋଡ୍ ଆର୍ଏନ୍ୟୁ/ ସମ୍ବଲପୁର

ବୁର୍ଲା ସହରେ ମହାନଦୀ ଖଁଡ଼ି ଚାର୍ଥାକିଆ ରିଂରୋଡ୍ ଲାଗି ରାଜ୍ୟ ନିର୍ମାଣ ବିଭାଗ୍ ତର୍ଫୁ ଶହେ ୭୮ କୋଟିନୁ ଅଏତ୍କା ଟଙ୍କା ମଞ୍ଜୁର୍ କରାଯାଇଛେ । ଇଥି ସମ୍ବଲ୍ପୁର୍ ପୂର୍ତ ବିଭାଗ୍ର ସୂଚ୍ନା ଅନ୍ସାରେ, ଯୋଜ୍ନାଥି ପାଖାପାଖି ୬ କିଲୋମିଟର୍ ରାସ୍ତା ତିଆର୍ କରାଯିବା । ଇଥିର୍ଲାଗି ୪ ଏକଡ଼୍ ଜାଗା ଜମି ଅଧିଗ୍ରହଣ୍ କରାଯିବା । ସେନ୍ତା ଶହେ ୩୦ କୋଟି ଟଙ୍କା ଖର୍ଚ୍ଚା କରିକରି ଭିସୁଟ୍ ବାଇପାସ୍ ରାସ୍ତା ତିଆର୍ କରାଯିବା । ଦୁଇଥାକିଆ ସମ୍ବଲ୍ପୁର୍- ଚିପିଲିମା ଘଂଟେଶ୍ୱରୀ ବ୍ରିଜ୍ ଲାଗି ୫୪ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜ୍ନା ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜ୍ନା ଅଧୀନ୍ଥି ୪ ଦିନ୍ ଭିତ୍ରେ ନୂଆପଡ଼ା ଜିଲ୍ଲା ନ ୯ ଶହ ୪୪ ଝନ୍କୁ ଅତ୍ୟାଧୁନିକ୍ ଚିକିତ୍ସା ସେବା ଯୁଗେଇ ଦିଆଯାଇଛେ । କଟକ୍ ଏସ୍.ସି.ବି. ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍ଖାନାନୁ ୧୧ ଝନ୍ ବିଶେଷଜ୍ଞ ଡାକ୍ତର୍ ଗଲା ୨୧ ନୁ ୨୪ ତାରିଖ୍ତକ୍ ଜିଲ୍ଲା ମୁଖ୍ୟ ଡାକ୍ତର୍ଖାନା ଠାନେ

ରୋଗୀମାନ୍‌କୁ ସୁପର୍‌ସ୍ପେଶାଲିଟି ଚିକିତ୍ସା ସେବା ଯୁଗେଇ ଦେଇଥିଲେ । ଘର୍ ପାଖେ ମାହାଲିଆ ଅତ୍ୟାଧୁନିକ୍ ଚିକିତ୍ସାସେବା ପାଇକରି ରୋଗୀମାନେ ଖୁସି ହେଇଛନ୍ ।

ଆର୍ଥିକ ସଂଚୟ ସଚେତନ୍‌ତା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆର୍ଥିକ୍ ସେବା ଆଉ ସଂଚୟ ବିଭାଗ୍ ତର୍‌ଫୁ ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତି କରଣ୍ ଆଉ ସୁକନ୍ୟା ସମୃଦ୍ଧି ଯୋଜ୍‌ନା ବାବଦ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଆର୍ଥିକ୍ ସେବା ଆଉ ସଂଚୟ ଅଧିକାରୀ ଯୋଗ୍ ଦେଇକରି ସଂଚୟ କର୍‌ବାର୍ ବାବ୍‌ଦେ ଲୁକ୍‌କୁ ବୁଝେଇଥିଲେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ସାଇବର୍ ଠକେଇ ଆଉ ଅନ୍‌ଲାଇନ୍ ଜୁଆ ବାବ୍‌ଦେ ଲୁକ୍‌କୁ ସଚେତନ୍ କରିଥିଲେ ।

ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା-ଜାଫ୍‌ରିନ୍          ହି.ସ.

ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାଥି ସମ୍ବଲ୍‌ପୁର୍‌ର କୁସ୍ତି ଖେଳାଳି ଜାଫ୍‌ରିନ୍ ଚୌଧୁରୀ ସ୍ୱର୍ଣ୍ଣପଦକ୍ ଜିତିଛନ୍ । ସହରର୍ ବରିଷ୍ଠ

ଆଇନ୍‌ଜୀବୀ ଓକିଲ୍ ଚୌଧୁରୀଙ୍କର୍ ଝି’ ଜାଫ୍‌ରିନ୍ ୫୫ କେ.ଜି. ବିଭାଗ୍‌ଥି ଇ ପଦକ୍ ଜିତିଛନ୍ । ରାଜ୍ୟସ୍ତର୍ ନ ଜିତ୍‌ଲା ଉତ୍‌ରୁ ଜାଫ୍‌ରିନ୍ ଜାତୀୟ କୁସ୍ତି ପ୍ରତିଯୋଗିତାଥି ଓଡ଼ିଶାର୍ ପ୍ରତିନିଧିତ୍ୱ କର୍‌ବେ ।

ପାଣିପାଗ/ହୀରାକୁଦ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଲଘୁଚାପ୍ କ୍ଷେତ୍ର ବର୍‌କସ୍ ହେବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ଇ କ୍ଷେତ୍ର ଆହୁରି ବର୍‌କସ୍ ହେବା । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ଲାଗି ରହିଛେ । ରାଏଜେ ଝିଁକେର୍ ନେଇକରି ଏସ୍‌ଆର୍‌ସିଙ୍କର୍ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ ସତର୍କ ରହେବାର୍‌କେ ପରାମର୍ଶ ଦିଆଯାଇଛେ । ସେଆଡ଼େ ଆଏବା କାଏଲ୍‌ଠାନୁ ରାଜ୍ୟର୍ ନଦୀମାନ୍‌କେ ଜଲ୍‌ସ୍ତର୍ ବଢ଼ିପାରେ ବଲି ଜଲ୍‌ସମ୍ପଦ୍ ବିଭାଗ୍ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର୍ ପାଢ଼ୀ ସୂଚ୍‌ନା ଦେଇଛନ୍ । ତଲିଆ ଇଲାକାମାନ୍‌କେ ପାଏନ୍ ଜମିପାରେ ବଲି ସେ ସତର୍କ କରିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଉପର୍‌ମୁଣ୍ଡୁ ଜହ ପାଏନ୍ ଆସ୍‌ବାର୍‌ନୁ ଆଏଜ୍ ଦିନ୍‌କର୍ ଭିତ୍‌ରେ ଖେପ୍‌ଖେପ୍ କରି ଆଉ ୧୨ ଟା ଗେଟ୍

ଖୁଲାଯାଇଛେ । ଇହାତେ ଜଲ୍ଭଣ୍ଡାର୍ନୁ ୨୦ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜବେଲର୍ *୬* ବଜେତକ୍ ଫି ସେକେଣ୍ଡଥି ଜଲ୍ଭଣ୍ଡାର୍କେ ୩ ଲାଖ୍ ୩୫ ହଜାର୍ ଶହେ *୬୬* ଘନ୍ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍କେ ସେତ୍କି ପାଏନ୍ ଫେର୍ ଛଡ଼ା ଯାଉଛେ ବଲି ଡେମ୍ କର୍ତୃପକ୍ଷଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।